# ଋଷିକୁଲ୍ୟା ସହ ସଂଯୋଗୀକରଣ ହେଉ ମହାନଦୀ

**ନରସିଂହ ସାହୁ**
**ବ୍ରହ୍ମପୁର ଅଫିସ,୨୪।୪**

■ ଚିରସ୍ରୋତା ହେବ ଋଷିକୁଲ୍ୟା
■ ନଦୀ ସଂଯୋଗରେ ଯୋଡ଼ାଯାଉ ବଂଶଧାରା

ଗଞ୍ଜାମ ଜିଲାରେ ଜଳ ସଙ୍କଟର ସ୍ଥାୟୀ ସମାଧାନ ପାଇଁ ଦୀର୍ଘବର୍ଷର ଜନଦାବି ଋଷିକୁଲ୍ୟା ସହ ସଂଯୋଗୀକରଣ ହୋଇପାରୁନି ମହାନଦୀ। ରାଜ୍ୟ ସରକାର ବିଭିନ୍ନ ଯୋଜନାରେ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଏ କ୍ଷେତ୍ରରେ ଆଖି ବୁଜି ଦେଇଛନ୍ତି। ଅପରପକ୍ଷରେ କେନ୍ଦ୍ର ସରକାର ମଧ୍ୟ ନଦୀ ସଂଯୋଗୀକରଣ ଯୋଜନା କର୍ଯ୍ୟକାରୀ କରୁ ନ ଥିବା ସଚେତନ ମହଲ ଅଭିଯୋଗ କରିଛନ୍ତି। ଚଳିତ ଗ୍ରୀଷ୍ମଋତୁରେ ଜିଲାର ଋଷିକୁଲ୍ୟା ସମେତ ବିଭିନ୍ନ ନଦୀନାଳ ଶୁଖିଲା ପଡ଼ିଛି। ଫଳରେ ଜଳସଙ୍କଟ ଅଧିକ ଘନୀଭୂତ ହୋଇଛି। ତେଣୁ କୃଷି କାର୍ଯ୍ୟ ନିମନ୍ତେ ଜଳସେଚନ ଏବଂ ପିଇବା ପାଣି ସମସ୍ୟା ବଢ଼ିଯାଇଛି। କେବଳ ମହାନଦୀ ନୁହେଁ, ବଂଶଧାରା ଓ ଋଷିକୁଲ୍ୟା ସଂଯୋଗୀକରଣ କରାଯିବାକୁ ଗୁରୁତ୍ୱ ଦିଆଯାଇଛି।

ସୂଚନାଯୋଗ୍ୟ, ଋଷିକୁଲ୍ୟା ଗଞ୍ଜାମର ଜୀବନରେଖା। ଏହି ନଦୀ କନ୍ଧମାଳ ଜିଲା ବ୍ରାହ୍ମଣୀ ଗାଁ ନିକଟ ଋଷିମାଳ ପର୍ବତରୁ ଆରମ୍ଭ ହୋଇଛି। ଜିଲାର ସୋରଡ଼ା, ଧରାକୋଟ, ଆସିକା, କବିସୂର୍ଯ୍ୟନଗର, ପୁରୁଷୋତ୍ତମପୁର, ହିଞ୍ଜିଳିକାଟୁ ଓ ଗଞ୍ଜାମ ବ୍ଲକ ଅଞ୍ଚଳର ଶତାଧିକ ଗ୍ରାମ ଦେଇ ପ୍ରବାହିତ ହୋଇ ଛତ୍ରପୁର ନିର୍ବାଚନମଣ୍ଡଳୀ ପାର୍ଶ୍ୱ ବଙ୍ଗୋପସାଗରରେ ମିଶିଛି। ଖରାଦିନେ ଭୂତଳ ଜଳସ୍ତର ହ୍ରାସ ପାଇ ଶୁଷ୍କ ହୋଇଯାଉଛି। ଏହାର ଆଧୁନିକୀକରଣ ନିମନ୍ତେ ୪୦ ବର୍ଷ ତଳୁ ହୋଇଥିବା ଦାବି ପ୍ରତି ରାଜ୍ୟର ସବୁ ସରକାରଙ୍କ ପକ୍ଷରୁ ଅଣଦେଖା କରାଯାଇଛି। ବ୍ରିଟିଶ ସରକାର ଅମଳରେ ଗଞ୍ଜାମରେ ଭୟଙ୍କର ଦୁର୍ଭିକ୍ଷ ହୋଇଥିବା ପୁରୁଣା ତଥ୍ୟ ରହିଛି। ତେଣୁ ଋଷିକୂଲ୍ୟାର ଧରାକୋଟ ନିକଟରେ ଜାନିବିଲି ଆନିକଟ ସେହି ସମୟରେ ହୋଇଥିଲା। ବ୍ରହ୍ମପୁର ସହର ସମେତ ୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀଙ୍କୁ ନିୟମିତ ପାନୀୟ ଜଳ ଯୋଗାଣ ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଜେଡି ସରକାର ଜାନିବିଲି ବୃହତ୍ତର ପ୍ରକଳ୍ପ ନିର୍ମାଣ କରୁଛି। ୨୦୧୬ ନଭେମ୍ବର ୩୦ରେ ଏହାର ଶିଳାନ୍ୟାସ କରିଥିଲେ ନବୀନ ..... । ଏହାର ସାଢ଼େ ୫ ବର୍ଷ ବିତିଛି ଏବଂ ଯୋଜନା ଏବେବି ଅସମ୍ପୂର୍ଣ୍ଣ ରହିଛି। ୫୦୦ କୋଟି ଟଙ୍କାର ଏହି ମେଗା ପ୍ରକଳ୍ପ କେବେ ସମ୍ପୂର୍ଣ୍ଣ ହେବ ତାହା ମଧ୍ୟ ଅନିଶ୍ଚିତ ହୋଇଯାଇଛି। ଶତାଧିକ ବର୍ଷର ସୋରଡ଼ା ଜଳଭଣ୍ଡାରରେ ମଧ୍ୟ ନିଅଣ୍ଟିଆ ପାଣି ଯୋଗୁ ଜିଲାର ବହୁ ଅଞ୍ଚଳରେ ଚାଷ ପାଇଁ ପର୍ଯ୍ୟାପ୍ତ ସେଚ ବ୍ୟବସ୍ଥା ମିଳୁ ନ ଥିବା ଜଣାପଡ଼ିଛି। ଖୋଲା କେନାଲ ଯୋଗୁ ବ୍ରହ୍ମପୁର ନିକଟ ଦକ୍ଷିଣପୁର ଜଳଭଣ୍ଡାରକୁ ସୋରଡ଼ାରୁ ଆସୁଥିବା ପାଣିରେ ମଧ୍ୟ ବିଭ୍ରାଟ ହୋଇଥିବା ଆଖପାଖ ଗ୍ରାମବାସୀଙ୍କ ପକ୍ଷରୁ କୁହାଯାଇଛି। ଅତୀତରେ ବ୍ରହ୍ମପୁର ପୌରସଂସ୍ଥା ଅଧୀନ ଦକ୍ଷିଣପୁର ଜଳ ଭଣ୍ଡାର ଜନସ୍ୱାସ୍ଥ୍ୟ ଇଞ୍ଜିନିୟରିଂ ବିଭାଗ ନିୟନ୍ତ୍ରଣକୁ ଦୀର୍ଘବର୍ଷ ତଳୁ ଯାଇଛି।

ମହାନଦୀ ସହିତ ସଂଯୋଗୀକରଣ କରାଗଲେ ଋଷିକୁଲ୍ୟା ଚିରସ୍ରୋତା ହେବ ଏବଂ ବର୍ଷାଦିନର ବନ୍ୟାଜଳ ନିୟନ୍ତ୍ରଣ ହୋଇପାରିବ। ତେଣୁ ୨୦୦୩ରୁ ଥିବା ଏହି ପ୍ରସ୍ତାବ କାର୍ଯ୍ୟକାରୀ କରିବା ଏବଂ ଋଷିକୁଲ୍ୟାରେ କୂଳ ଘାଇ ନିର୍ମାଣ ଦାବି ନେଇ ୨୦୦୭ ନଭେମ୍ବର ୩ରେ ଛତ୍ରପୁରଠାରେ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ବିଶାଳ କୃଷକ ଶୋଭାଯାତ୍ରା ଓ ସମାବେଶ ହୋଇଥିଲା। ସେତେବେଳେ ମେଣ୍ଟ ସରକାର ଥିଲା ଓ ଅନେକ ଭାଜପା ମନ୍ତ୍ରୀ, ନେତା ଯୋଗଦେଇଥିଲେ। ପରବର୍ତ୍ତୀ ୨୦୦୮ରେ ମେଣ୍ଟ ଭାଙ୍ଗିଗଲା ଓ ନଦୀ ସଂଯୋଗୀକରଣ ଦାବି ଆନ୍ଦୋଳନରେ ଅଟକି ଯାଇଛି। ଗଞ୍ଜାମ ଜିଲାର ସମୂହ ସ୍ୱାର୍ଥ ନିମନ୍ତେ ଋଷିକୂଲ୍ୟା ଓ ମହାନଦୀ ଏବଂ ବଂଶଧାରା ଓ ଋଷିକୂଲ୍ୟାର ସଂଯୋଗୀକରଣ ଅପରିହାର୍ଯ୍ୟ ହୋଇପଡ଼ିଛି। ତେଣୁ ମୁଖ୍ୟମନ୍ତ୍ରୀ ଏଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେଇ ପ୍ରସ୍ତାବିତ ଯୋଜନା କାର୍ଯ୍ୟକାରୀ କରିବାକୁ ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି।

## ରେଳ ଧାରଣାରୁ ମହିଳାଙ୍କ ମୃତଦେହ ଜବତ

**ବ୍ରହ୍ମପୁର ଅଫିସ,୨୪।୪**

ସରକାରୀ ରେଲ୍‌ୱେ ପୋଲିସ(ଜିଆର୍‌ପି) କମାପଲ୍ଲୀ ନିକଟ ରେଳ ଧାରଣା କଡ଼ରୁ ଜଣେ ମହିଳାଙ୍କ ମୃତଦେହ ଜବତ କରିଛି। ମୃତା ଜଣଙ୍କ ରୁନୁ ପାଣିଗ୍ରାହୀ (୩୭)। ରୁନୁ ଆଙ୍କୁଲିର ମୂଳ ନିବାସୀ ହୋଇଥିବା ବେଳେ ସେ ପୁରୁଣା ବ୍ରହ୍ମପୁର ଜଗବନ୍ଧୁ ସାହି ନିକଟ ରାଜୀବ ଆବାସ ଘରେ ରହୁଥିଲେ। ପୋଲିସ ମୃତଦେହ ଜବତ କରି ନଂ.୨୪/୨୨ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମହିଳା ଜଣଙ୍କ ରେଳଧାରଣା ଅତିକ୍ରମ କରିବା ସମୟରେ ଏହି ଦୁର୍ଘଟଣା ଘଟିଥିବା ପୋଲିସ ସନ୍ଦେହ କରୁଛି। ପ୍ରକାଶ ଯେ, ରୁନୁ କଣ୍ଟ୍ରୋଲ୍ ସାମଗ୍ରୀ ଆଣିବା ପାଇଁ ଆଙ୍କୁଲି ଅଞ୍ଚଳକୁ ଯାଉଥିଲେ। କମାପଲ୍ଲୀ ନିକଟରେ ଥିବା ରେଳ ଧାରଣା ଅତିକ୍ରମ କରିବା ବେଳେ ଦ୍ରୁତଗତିରେ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଦୂରୋନ୍ତୋ ଏକ୍ସପ୍ରେସ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ପୋଲିସ ସୂଚନା ଦେଇଛି।

## ସଂକ୍ଷେପରେ

### ଖବରଦାତାଙ୍କ ସନ୍ଦେହଜନକ ମୃତ୍ୟୁ

**ଭଞ୍ଜନଗର,୨୪।୪(ଡି.ଏନ୍.ଏ.):** ବେଲଗୁଣ୍ଠାରେ କାର୍ଯ୍ୟରତ ଥିବା ଖବରଦାତା ମଦନ ମୋହନ ପାଢ଼ୀ(୩୮)ଙ୍କ ଶନିବାର ରାତିରେ ମୃତ୍ୟୁ ଘଟିଛି। ପୋଲିସ ରବିବାର ମଦନଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲକୁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ। ଏ ନେଇ ବେଲଗୁଣ୍ଠା ଅଞ୍ଚଳର ଖବରଦାତାମାନେ ଶୋକବ୍ୟକ୍ତ କରିଛନ୍ତି। ପ୍ରକାଶ ଯେ, ମଦନ ରାତି ପ୍ରାୟ ୧୦ଟାରେ ଗିରିସୋଲାରେ ଖାଇବା ପରେ ନିଜ ଫାର୍ମ ହାଉସ୍‌କୁ ଶୋଇବାକୁ ଯାଇଥିଲେ। ସେଠାରେ କିଛି ସାଙ୍ଗ ରାତିରେ ଥିଲେ। ରବିବାର ସକାଳେ ସମ୍ପୃକ୍ତ ଅଞ୍ଚଳବାସୀ ମଦନଙ୍କୁ ଫାର୍ମରେ ଅଚେତ ଅବସ୍ଥାରେ ପଡ଼ିଥିବା ଦେଖି ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ତାଙ୍କୁ ଭଞ୍ଜନଗର ହସ୍ପିଟାଲକୁ ଆଣିଥିଲେ। ସେଠାରେ ଡାକ୍ତର ମଦନଙ୍କୁ ମୃତ ଘୋଷଣା କରିଥିଲେ। ମଦନଙ୍କ ମୋବାଇଲ ଏବଂ ବାଇକ୍ ଚାବି ମିଳୁନାହିଁ। ଏଥିସହ ତାଙ୍କ ଶରୀରର ବିଭିନ୍ନ ଅଂଶ କଳା ପଡିଥିଲା। ତେଣୁ ତାଙ୍କ ମୃତ୍ୟୁକୁ ନେଇ ପରିବାର ଲୋକେ ସନ୍ଦେହ ବ୍ୟକ୍ତ କରିଛନ୍ତି।

### ବ୍ୟବସାୟୀଙ୍କୁ ପିଟି ପିଟି ହତ୍ୟା

**ଛତ୍ରପୁର,୨୪।୪(ଡି.ଏନ୍.ଏ.):** ଗଞ୍ଜାମ ଜିଲା ଛତ୍ରପୁର ଥାନା ଅଧୀନ ହଂସପୁର ଗାଁରେ ଶୁକ୍ରବାର ବିଳମ୍ବିତ ରାତିରେ ଜଣେ ସିମେଣ୍ଟ ବ୍ୟବସାୟୀଙ୍କୁ ପିଟି ପିଟି ହତ୍ୟା କରାଯାଇଛି। ସେ ହେଲେ ଉକ୍ତ ଗାଁର କୃଷ୍ଣଚନ୍ଦ୍ର ପରିଡ଼ା । ସବୁଦିନ ଭଳି କୃଷ୍ଣ ଶୁକ୍ରବାର ରାତି ପ୍ରାୟ ୧୧ଟାରେ ଦୋକାନ ବନ୍ଦ କରି ମନ୍ଦିରକୁ ଯାଇ ଠାକୁର ଦର୍ଶନ କରି ଘରକୁ ଫେରୁଥିଲେ। ଏହି ସମୟରେ ପୂର୍ବରୁ ଯୋଜନାବଦ୍ଧ ଭାବେ ଜଗି ରହିଥିବା ଦୁର୍ବୃତ୍ତମାନେ ଅତର୍କିତ ଭାବେ ଲୁହାରଡ୍‌ରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ । ଫଳରେ ଘଟଣାସ୍ଥଳରେ କୃଷ୍ଣଚନ୍ଦ୍ର ଟଳିପଡ଼ିଥିଲେ। କୌଣସି ସୂତ୍ରରୁ ଖବର ପାଇ ତାଙ୍କ ସମ୍ପର୍କୀୟ ଓ ସ୍ଥାନୀୟ ଲୋକେ ତାଙ୍କୁ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ଛତ୍ରପୁର ଥାନା ପୋଲିସ ଓ ଅନ୍ୟ ଏକ ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ପୋଲିସ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି । ଏ ନେଇ ଛତ୍ରପୁର ଥାନାରେ ଏକ ମାମଲା (ନଂ.୨୦୩/୨୨) ରୁଜୁ କରାଯାଇ ତଦନ୍ତ ଚାଲିଛି। ପୂର୍ବ ଶତ୍ରୁତାରୁ ହତ୍ୟାକାଣ୍ଡ ଘଟିଥିବା ପ୍ରାରମ୍ଭିକ ତଦନ୍ତରୁ ପୋଲିସ ଜାଣିପାରିଛି।

### ଆଇନ ସେବା ପ୍ରାଧିକରଣର ସଚେତନତା ଶିବିର

**ପାରଳାଖେମୁଣ୍ଡି,୨୪।୪(ଡି.ଏନ୍.ଏ.):** ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକ ଓ ଜିଲା ଜଜ୍ ତଥା ପ୍ରାଧିକରଣ ଅଧକ୍ଷ ସତ୍ୟପୀର ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଗଜପତି ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ସ୍ଥାନୀୟ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟଠାରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ଦୌରା ଜଜ୍ ସତ୍ୟପୀର ମିଶ୍ର ଯୋଗଦେଇ ଏହି ସଚେତନତା କାର୍ଯ୍ୟକ୍ରମ ପାଳନ କରିବାର ମୁଖ୍ୟ ଉଦ୍ଦେଶ୍ୟ ବିଷୟରେ ଉପସ୍ଥିତ ଛାତ୍ରମାନଙ୍କୁ ସଚେତନ କରାଇଥିଲେ। ମୁଖ୍ୟ ବିଚାର ବିଭାଗୀୟ ଅଧିକାରୀ ମାନସ କୁମାର ପଣ୍ଡା, ବରିଷ୍ଠ ଦେୱାନୀ ଅଧିକାରୀ ଦିପଙ୍କର ପଟ୍ଟନାୟକ, ସଚିବ, ଜିଲା ଆଇନ ସେବା ପ୍ରାଧିକରଣ, ରବି ନାରାୟଣ ବେହେରା, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଧିକାଧିଣୀ ସୁଶ୍ରୀ ଶୁଭଲକ୍ଷ୍ମୀ ପ୍ରିୟଦର୍ଶନୀ ଏବଂ ପ୍ରୋବେଶନ ବିଚାର ବିଭାଗୀୟ ଅଧିକାରୀ ଶୁଭଜିତ ବେହେରା ଉପସ୍ଥିତ ରହି ବିଭିନ୍ନ ଆଇନ ବିଷୟରେ ସଚେତନ କରାଇଥିଲେ।

### ଆରାଧନା ଦିବସ ପାଳିତ

**ଆସିକା,୨୪।୪ (ଡି.ଏନ.ଏ):** ଆସିକାସ୍ଥିତସତ୍ୟସାଇ ସେବା ସମିତି ପକ୍ଷରୁ ରବିବାର ଭଗବାନ ସତ୍ୟସାଇବାବାଙ୍କ ଆରାଧନା ଦିବସ ପାଳିତ ହୋଇଥିଲା। ଭୋର ୪ଟାରୁ ସୁପ୍ରଭାତଂ, ନଗର ସଂକୀର୍ତ୍ତନ, ପ୍ରଶାନ୍ତି ଧ୍ୱଜା ଉତ୍ତୋଳନ, ବାବାଙ୍କ ୧୦୮ ନାମ ଜପ ଓ ଆଳତି ପରେ ମଧ୍ୟାହ୍ନରେ ନାରାୟଣ ସେବା ଅନୁଷ୍ଠିତ ହୋଇଥିଲା। ସମିତିର ସଦସ୍ୟମାନେ ସହରାଞ୍ଚଳରେ ବୁଲି ରାସ୍ତାକଡ଼ରେ ବସିଥିବା ନାରାୟଣମାନଙ୍କୁ ଭୁରି ଭୋଜନରେ ଆପ୍ୟାୟିତ କରିଥିଲେ । ସନ୍ଧ୍ୟାରେ ସମିତି ପରିସରରେ ଭଜନକୀର୍ତ୍ତନ ସହ ଆଧାତ୍ମିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ସମିତିର ଆବାହକ ବିଦ୍ୟାଧର ଖଣ୍ଡୁଆଳଙ୍କ ନେତୃତ୍ୱରେ କ୍ରିଷ୍ଣାସ୍ୱାମୀ ରାଓ, ଧନଯ୍ ମହାପାତ୍ର, ମନୋଜ କୁମାର ଦାସ, ମନୋଜ ମିଶ୍ର, ସନ୍ନ୍ୟାସୀ ନାହାକ, ପ୍ରଦୀପ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜନଜାତି ସୁରକ୍ଷା ମଞ୍ଚର ବିଶାଳ ଶୋଭାଯାତ୍ରା


ବୈଠକରେ ଉପସ୍ଥିତ ଅତିଥି ।


ବୈଠକ ସ୍ଥଳରେ ଉପସ୍ଥିତ ମହିଳା ଓ ପୁରୁଷ

**ଆର.ଉଦୟଗିରି,୨୪।୪(ଡି.ଏନ.ଏ.)**

ଗଜପତି ଜିଲା ଜନଜାତି ସୁରକ୍ଷା ମଞ୍ଚ ପକ୍ଷରୁ ରବିବାର ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଆର.ଉଦୟଗିରି ସହର ଓ ଜିଲାର ବିଭିନ୍ନ ଗ୍ରାମରୁ ଶହ ଶହ ମହିଳା ଏବଂ ପୁରୁଷ ଶବରପଲ୍ଲୀଠାରେ ଏକତ୍ରିତ ହୋଇ ୨ କି.ମି. ପର୍ଯ୍ୟନ୍ତ ଟାଣଖରାରେ ରାଲିରେ ଯାଇଥିଲେ।

ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରି ନିଜ ନିଜର ପାରମ୍ପରିକ ଅସ୍ତ୍ର ଧରି ଆସିଥିଲେ। ଗ୍ରାମ ଶେଷରେ ଥିବା ଖେଳପଡ଼ିଆରେ ସମସ୍ତେ ଏକତ୍ର ହେବା ପରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଶୁଦ୍ଧ ଶବର ସମାଜର ରାଘବ ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଲକ୍ଷ୍ମୀକାନ୍ତ ଦାସ, ମୁଖ୍ୟବକ୍ତା ଚିତ୍ତରଞ୍ଜନ ପଣ୍ଡା, ସମ୍ମାନିତ ଅତିଥି ଶୁଦ୍ଧ ଶବର ସମାଜର ନୀଳମାଧବ ନାୟକ, ଶବର ସମାଜର ସର୍ବୋଚ୍ଚ ସଭାପତି ଝାମ୍ପୁରା ରଇତ, ଶୁଦ୍ଧ ଶବର ସମାଜର ଗୌରାଙ୍ଗ ପାଇକ, ଅଶୋକ ରଣଜିତ, ନରେନ୍ଦ୍ର ଜାନି, କୁଇ ସମାଜ କଲ୍ୟାଣ ସମିତିର ବିଜୟ ମଲ୍ଲିକ, ଅମୂଲ୍ୟ କୁମାର ପାତ୍ର, ଶବର ସମାଜର ଯୁରିଆ ଜାନି, ଦଣ୍ଡପାଣି ବଡ଼ମୁଣ୍ଡି, ନାରାୟଣ ରଇତ, ତ୍ରିନାଥ ଶବର, ନାରଦ ମଲ୍ଲିକ, ଚନ୍ଦ୍ରମା କାର୍ଜୀ ପ୍ରମୁଖ ମଞ୍ଚାସୀନ ଅତିଥି ଥିଲେ। ନିଜ ବକ୍ତବ୍ୟରେ ଅତିଥିମାନେ କହିଥିଲେ, ଆଦିବାସୀମାନେ ସରକାରଙ୍କ ସଂରକ୍ଷଣ ସୁବିଧା ପାଉଥିବା ବେଳେ ଅଣଆଦିବାସୀମାନେ ସଂରକ୍ଷଣ ସୁବିଧା ସହ ସେମାନେ ଧର୍ମାନ୍ତରୀକରଣର ସୁବିଧା ସୁଯୋଗ ମଧ୍ୟ ପାଉଛନ୍ତି। ଫଳରେ ଆଦିବାସୀ ଲୋକମାନେ ଧର୍ମାନ୍ତରିତ ହୋଇଯାଉଛନ୍ତି। ଯେଉଁ ଆଦିବାସୀ ବ୍ୟକ୍ତି ଅନ୍ୟ ଧର୍ମ ଗ୍ରହଣ କରୁଛନ୍ତି ସେମାନଙ୍କୁ ଆଦିବାସୀଙ୍କ ଲାଗି ଯେଉଁ ସୁବିଧା ଅଛି ସେଥିରୁ ବାଦ୍ ଦେବାକୁ ଦାବି କରିଥିଲେ। ଏହି ଜନଜାତି ସୁରକ୍ଷା ମଞ୍ଚ ତରଫରୁ ଜିଲାର ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଯୋଗ ଦେଇଥିଲେ। ଏହି ବିଶାଳ ଶୋଭାଯାତ୍ରାରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଆର.ଉଦୟଗିରି ଏସ୍‌ଡିପିଓ ଓ ବିଭିନ୍ନ ଥାନାର ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

## ୯ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

**ବୁଗୁଡା,୨୪।୪(ଡି.ଏନ.ଏ.)**

ବୁଗୁଡା ଅବକାରୀ ଥାନା ପକ୍ଷରୁ ବେଲଗୁଣ୍ଠା ବସଷ୍ଟାଣ୍ଡ ନିକଟରେ ଜଣେ ଯୁବକଙ୍କଠାରୁ ୯ କେଜି ଗଞ୍ଜେଇ ଜବତ ହୋଇଛି। ଏହି ଘଟଣାରେ କନ୍ଧମାଳ ଜିଲା ସାରଙ୍ଗଗଡ ଥାନା ଅନ୍ତର୍ଗତ ଲୋକେବାଡି ଗ୍ରାମର ସୁନିଲ୍ ଦିଗାଲି କୋର୍ଟ ଚାଲାଣ କରାଯାଇଛି। ଏ ନେଇ ବୁଗୁଡା ଥାନାରେ ନଂ .୨/୨୨-୨୩ ରେ ଏକ ମାମଲା ରୁଜୁ ହୋଇଛି। ସୁନିଲ୍ ବସ୍ତାରେ ଗଞ୍ଜେଇ ଧରି ବେଲଗୁଣ୍ଠା ବସଷ୍ଟାଣ୍ଡ ନିକଟରେ ଠିଆ ହୋଇଥିଲେ। ଖବର ପାଇ ଗଞ୍ଜାମ ଜିଲା ଅବକାରୀ ଅଧୀକ୍ଷକ ରାଜେନ୍ଦ୍ର ଭୋତ୍ରାଙ୍କ ନିର୍ଦ୍ଦେଶକ୍ରମେ ବୁଗୁଡା ଅବକାରୀ ଥାନାଧିକାରୀ ବ୍ରହ୍ମାନନ୍ଦ ଭୋଇଙ୍କ ନେତୃତ୍ୱରେ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ବସ୍ତାରେ ଥିବା ୯ କେଜି ଗଞ୍ଜେଇ ଜବତ କରିଥିଲେ।

## ଆସିକାରେ ପଞ୍ଚାୟତିରାଜ ଦିବସ



ସ୍ୱତନ୍ତ୍ର ଗ୍ରାମସଭାରେ ମଞ୍ଚାସୀନ ଅତିଥି।

**ଆସିକା, ୨୪।୪(ଡି.ଏନ.ଏ)**

ଆସିକା ବ୍ଲକର ୨୭ ପଞ୍ଚାୟତରେ ରବିବାର ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଥିଲା । ଏହି ଅବସରରେ ବିଭିନ୍ନ ପଞ୍ଚାୟତରେ ସରପଞ୍ଚଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ଗ୍ରାମସଭାମାନ ଅନୁଷ୍ଠିତ ହୋଇଥିଲା। ସମିତିସଭ୍ୟ, ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ସମେତ ପଞ୍ଚାୟତବାସୀ ସାମିଲ ଥିଲେ। ଏହି ଗ୍ରାମସଭାରେ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଶେଷକରି କେନ୍ଦ୍ର ସରକାରଙ୍କ ଏସ୍.ଡି.ଏଫ୍. ପକ୍ଷରୁ ଦିଆଯାଇଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା । ବିଶେଷଭାବେ ପଞ୍ଚାୟତର ବିଭିନ୍ନ ଗ୍ରାମାଞ୍ଚଳରେ ଜନସାଧାରଣଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ, ପରିମଳ ବ୍ୟବସ୍ଥା ସୁବନ୍ଦୋବସ୍ତ ସାଙ୍ଗକୁ ଆଧୁନିକ ଭିତ୍ତିଭୂମିର ବିକାଶ ପାଇଁ ଶପଥ ପାଠ କରାଯାଇଥିବା ବିଡିଓ ରୋଶନ ଶତପଥୀ ସୂଚନା ଦେଇଛନ୍ତି।

## ଜି.ଉଦୟଗିରି ସହରର ମୁଖ୍ୟ ରାସ୍ତା ପାଲଟିଛି ମରଣଯନ୍ତା

**ଜି.ଉଦୟଗିରି,୨୪।୪(ଡି.ଏନ.ଏ.)**

**ପାନୀୟ ଜଳ ଯୋଗାଣ ବିଭାଗର ଖାମଖିଆଲ ନୀତି**

ପାନୀୟ ଜଳ ଯୋଗାଣ ବିଭାଗର ଖାମଖିଆଲ ନୀତି ଯୋଗୁ ଜି.ଉଦୟଗିରି ସହରର ମୁଖ୍ୟ ରାସ୍ତା ମରଣଯନ୍ତା ପାଲଟିଛି। ପାନୀୟ ଜଳ ଯୋଗାଣ ପାଇଁ ସହରରେ ବିଛା ଯାଇଥିଲା ପାଇପ୍। ଏହାର କାମ ସରିଲାଣି। କିନ୍ତୁ ଖୋଳିଥିବା ରାସ୍ତାକୁ ମରାମତି କରିବାକୁ ଭୁଲିଗଲା ଠିକା କମ୍ପାନୀ। ଫଳରେ ସହରର ଅନେକ ସ୍ଥାନରେ ଦେଖିବାକୁ ମିଳିଛି ଏପରି ସମସ୍ୟା। ଦୀର୍ଘ ୪ ମାସ ବିତିଯାଇଥିଲେ ମଧ ଏବେବି ସେମିତି ରାସ୍ତା ଉପରେ ପଡ଼ିରହିଛି ମେଟାଲ। ଏଥିପାଇଁ ଦୁର୍ଘଟଣା ହେଉଥିବା ବେଳେ ସାଧାରଣ ଜନତା ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେବା ସହିତ ଟ୍ରାଫିକ ସମସ୍ୟା ଉପୁଜୁଛି। ପୂର୍ତ୍ତ ବିଭାଗ ଓ ସହର ପାନୀୟ ଜଳ ବିଭାଗ ତୁରନ୍ତ ଏହା ଉପରେ ଦୃଷ୍ଟି ଦେଇ ଶୀଘ୍ର ରାସ୍ତା ମରାମତି କରିବାକୁ ସାଧାରଣରେ ଦାବି ହୋଇଛି।


ମରଣଯନ୍ତା ମୁଖ୍ୟରାସ୍ତା ।

## ବିଦ୍ୟୁତ୍ ବିଭାଗର ସୁରକ୍ଷା ସଚେତନତା ଶିବିର

**ଧରାକୋଟ,୨୪।୪(ଡି.ଏନ୍.ଏ.)**

ଧରାକୋଟ ବିଦ୍ୟୁତ୍ ସେକ୍ସନରେ କାର୍ଯ୍ୟ କରୁଥିବା ୪୦ଜଣ କର୍ମଚାରୀଙ୍କୁ ବିଦ୍ୟୁତ୍ ସୁରକ୍ଷା ସଚେତନତା ତାଲିମ ପ୍ରଦାନ କରାଯାଇଛି। ସ୍ଥାନୀୟ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ତାଲିମ ଶିବିରରେ ପ୍ରଶିକ୍ଷକ ଭାବେ ଟାଟା ପାୱାର ଦକ୍ଷିଣ ଓଡ଼ିଶା ବିତରକ ସୁରକ୍ଷା ଅଧିକାରୀ ନରୋତ୍ତମ ବେହେରା ଏବଂ ପ୍ରବୋଧ ରଞ୍ଜନ ସାହୁ ଯୋଗଦେଇ ବୈଦ୍ୟୁତିକ କାର୍ଯ୍ୟବେଳେ କିପରି ସୁରକ୍ଷା ନିୟମ ଠିକ ପାଳନ କରିବା ସେଥିନେଇ ତାଲିମ ପ୍ରଦାନ କରିଥିଲେ। ଅଧୀକ୍ଷଣ ଯନ୍ତ୍ରୀ ତପନ କୁମାର ସୁଆର, ବିଦ୍ୟୁତ୍ ବିଭାଗ ଉପଖଣ୍ଡ ଯନ୍ତ୍ରୀ ରଶ୍ମି ରଞ୍ଜନ ମହାପାତ୍ର, ଆସିକା ସହର ପରିଚାଳନା ଯନ୍ତ୍ରୀ ସଞ୍ଜିପ କୁମାର ଦାସ, ଧରାକୋଟ ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀ ସୁଶାନ୍ତ ନାୟକ ପ୍ରମୁଖ ତାଲିମ ଶିବିରକୁ ପରିଚାଳନା କରିବା ସହ ଉତ୍ସାହିତ କରିଥିଲେ।

## ନିଖିଳ ଉତ୍କଳ ବିଶ୍ୱକର୍ମା ସମିତିର ବୈଠକ



ବୈଠକରେ ଉପସ୍ଥିତ ସମିତି କର୍ମକର୍ତ୍ତା।

**ଖଲ୍ଲିକୋଟ,୨୪।୪(ଡି.ଏନ.ଏ.)**

ନିଖିଳ ଉତ୍କଳ ବିଶ୍ୱକର୍ମା ସମିତିର ସପ୍ତମ ସାଧାରଣ ଅଧିବେଶନ ସ୍ଥାନୀୟ ବ୍ଲକ ଅନ୍ତର୍ଗତ ଚିଲିକା ମଧ୍ୟରେ ଥିବା ଗୁପ୍ତେଶ୍ୱର ମହାଦେବଙ୍କ ପୀଠରେ ରବିବାର ଅନୁଷ୍ଠିତ ହୋଇଯାଇଛି। ନିଖିଳ ଉତ୍କଳ ବିଶ୍ୱକର୍ମା ସମିତିର ରାଜ୍ୟ ସଭାପତି ବଟକୃଷ୍ଣ ଓଝାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ସମିତିର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ସମିତିଗୃହ ନିର୍ମାଣ, ବିଶ୍ୱକର୍ମା ସଦସ୍ୟମାନଙ୍କ ସମସ୍ୟାଗୁଡ଼ିକ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ପ୍ରସ୍ତାବ ହୋଇଥିଲା। ସେହିପରି ପରବର୍ତ୍ତୀ ବୈଠକ ଗଞ୍ଜାମ ଜିଲା ବ୍ରହ୍ମପୁରଠାରେ ଅନୁଷ୍ଠିତ ହେବା ପାଇଁ ନିଷ୍ପତ୍ତି ହୋଇଥିଲା। ଏହି ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ମହାରଣା, ସଙ୍ଗଠନ ସମ୍ପାଦକ ମନୋରଞ୍ଜନ ମହାରଣା, ରାଜ୍ୟ ଉପସଭାପତି ଦୟାନିଧି ମହାରଣା, ବ୍ରହ୍ମପୁର ପ୍ରଭାରୀ ଭାଗୀରଥି ମହାରଣାଙ୍କ ସମେତ ନାରାୟଣ ମହାରଣା, ରାଜେନ୍ଦ୍ର ମହାରଣା, ନୀଳାଚଳ ମହାରଣା, ବିଦ୍ୟାଧର ମହାରଣା, ଭାସ୍କର ମହାରଣା, ରଞ୍ଜିତ ମହାରଣା, ସୀମାଞ୍ଚଳ ମହାରଣା, ଅଭିମନ୍ୟୁ ମହାରଣାଙ୍କ ସମେତ ବିଭିନ୍ନ ଅଞ୍ଚଳରୁ ଆସିଥିବା ସଦସ୍ୟମାନେ ଉପସ୍ଥିତ ଥିଲେ।

## ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଜଳଛତ୍ର ଆରମ୍ଭ

**ବ୍ରହ୍ମପୁର ଅଫିସ,୨୪।୪**

ବ୍ରହ୍ମପୁର ମହାନଗର ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ରବିବାର ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଜଳଛତ୍ର ଉଦ୍‌ଘାଟିତ ହୋଇଥିଲା। ଏହାକୁ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଓ ବିଧାୟକ ବିକ୍ରମ କୁମାର ପଣ୍ଡା ଉଦ୍‌ଘାଟନ କରିଥିଲେ। ଖଲ୍ଲିକୋଟ ମହାବିଦ୍ୟାଳୟ ପୂର୍ବତନ ଛାତ୍ର ସଂସଦ ସଭାପତି ସୁରେନ୍ଦ୍ର ମହାରଣା ବାଟୋଇଙ୍କୁ ନବାତ ପଣା ବଣ୍ଟନ କରିଥିଲେ। ବ୍ରହ୍ମପୁର ମେୟର ସଂଘମିତ୍ରା ଦଳାଇ, ଡେପୁଟି ମେୟର ଇଂ. ବିବେକ ରେଡ୍ଡୀ, ବିଭିନ୍ନ ୱାର୍ଡର କର୍ପୋରେଟର ଉପସ୍ଥିତ ଥିଲେ। ବିଜୁ ଛାତ୍ର ଜନତା ଦଳ ସଭାପତି ଶୋଭନ ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିକଥିଲେ। ଖଲ୍ଲିକୋଟ କଲେଜ ସମେତ ସୁବାରାଓ ଛକ, ରାମଲିଙ୍ଗେଶ୍ୱର ପାର୍କ, ହରିଡ଼ାଖଣ୍ଡି, ଶ୍ରୀରାମ ନଗର, ଫାଷ୍ଟଗେଟ, ୟୁସିପି ଇଞ୍ଜିନିୟରିଂ କଲେଜ ଓ ଜନନା ହସ୍ପିଟାଲ ଛକରେ ଜଳଛତ୍ର ଖୋଲାଯାଇଛି।



ପୂର୍ବତନ ଛାତ୍ର ନେତା ତଥା କର୍ପୋରେଟର ସୁରେନ୍ଦ୍ର ମହାରଣାଙ୍କ ଦ୍ୱାରା ନବାତ ପଣା ବଣ୍ଟନ ।

## ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦର ପୁସ୍ତକ ମେଳା, ସାଂସ୍କୃତିକ ଉତ୍ସବ

**ଫୁଲବାଣୀ ଅଫିସ, ୨୪।୪**

ଫୁଲବାଣୀ ସହର କରୋନେସନ ପଡିଆରେ ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦ ପକ୍ଷରୁ ପୁସ୍ତକ ମେଳା ଏବଂ ସାଂସ୍କୃତିକ ଉତ୍ସବ ଆରମ୍ଭ ହୋଇଛି । ମୁଖ୍ୟଅତିଥି ଭାବେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ପୁସ୍ତକ ବିନା ସମାଜ ପରିକଳ୍ପନା ଅସମ୍ଭବ । ପୁସ୍ତକ ହେଉଛି ସମାଜର ଆଇନା। ମେଳା ଆୟୋଜନ ଦ୍ୱାରା ପାଠକ ପାଠିକାଙ୍କୁ ଏହା ଅନ୍ୟ ଏକ ସୋପାନରେ ପଞ୍ଚାଇଥାଏ । ବହୁ ଦିନରୁ ଅଭିଳାଷ ଥିବା ପୁସ୍ତକ ଏଠାରେ ମିଳିଥାଏ । ତେଣୁ ସମସ୍ତେ କିଛି ପୁସ୍ତକ କିଣି ପଠନ କରିବାର ଆବଶ୍ୟକତା ରହିଛି । ପୁସ୍ତକ ସମାଜକୁ ନୂଆ ଦିଗ୍‌ଦର୍ଶନ ଦେଇଥାଏ ବୋଲି ବିଧାୟକ ପ୍ରକାଶ କରିଛନ୍ତି ।

ଅନୁଷ୍ଠାନର ବରିଷ୍ଠ ଉପଦେଷ୍ଟା କୌଶିକ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଡ. ପୁଷ୍ପାଞ୍ଜଳି ମିଶ୍ର ଯୋଗଦେଇ ଦୀର୍ଘ ଦୁଇ ବର୍ଷ କରୋନାରେ ଆମେ ଘରେ ଏକ ପ୍ରକାର ବନ୍ଦୀ ଜୀବନ ଅତିବାହିତ କରିଛେ । ପ୍ରଥମ ଭାବେ ଏହି ମେଳା ଆୟୋଜିତ ହୋଇଥିବାରୁ ପାଠକ ପାଠିକାଙ୍କ ମଧ୍ୟରେ ଉନ୍ମାଦନା ସୃଷ୍ଟି ହେବା ସ୍ୱାଭାବିକ । ତେଣୁ ଏହି ପୁସ୍ତକ ମେଳା ଆମ ସମସ୍ତଙ୍କୁ ଖୁସି ଆଣି ଦେଇଛି ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ସୁବର୍ଣ୍ଣପୁର ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ମଦନ ସୁନ୍ଦର କ୍ଷେତି ଯୋଗଦେଇ ସାହିତ୍ୟ ପ୍ରତି ସମସ୍ତଙ୍କ ରୁଚି ରହିବା ଆବଶ୍ୟକ । ପୁସ୍ତକ ପଠନର ମୂଲ୍ୟବୋଧ ଆଉ କେଉଁଥିରେ ନାହିଁ ବୋଲି ପ୍ରକାଶ କରିଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ବାଲିଗୁଡ଼ା ମହାବିଦ୍ୟାଳୟର ବିଭୂତି ଭୂଷଣ ଆଚାର୍ଯ୍ୟ ଆଧୁନିକ ଯୁଗରେ କିପରି ଯୁବ ପିଢ଼ି ପୁସ୍ତକଠାରୁ ଦୂରେଇ ଯାଉଛନ୍ତି ଏବଂ ପୁସ୍ତକ ପଠନ ଯେ ନିହାତି ଆବଶ୍ୟକ ତାହା ଉପରେ ଆଲୋଚନା କରିଥିଲେ। ଅନୁଷ୍ଠାନ ସଭାପତି ପ୍ରଶାନ୍ତ କୁମାର ବେହେରା ଏବଂ ଅନ୍ୟମାନେ ନିଜସ୍ୱ ମତ ରଖିଥିଲେ। ଏହି ଅବସରରେ ଅନୁଷ୍ଠାନ ସମ୍ପାଦକ ଡ. କାହ୍ନୁଚରଣ ଶତପଥୀଙ୍କ ଦ୍ୱାରା ରଚିତ ପୁସ୍ତକ 'ମଧୁବ୍ରତା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ଉତ୍ସବ ଆସନ୍ତା ୩ଯାଏ ଚାଲିବ । ପ୍ରତ୍ୟେକ ସନ୍ଧ୍ୟାରେ ସଭା ସରିବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି । ଜିଲା ତଥା ବାହାରର କଳାକାରମାନେ ସେମାନଙ୍କ କଳାନୈପୁଣ୍ୟ ପ୍ରଦର୍ଶନ କରୁଛନ୍ତି ।


ବିଧାୟକ ପୁସ୍ତକ ମେଳା ଉଦ୍‌ଘାଟନ କରୁଛନ୍ତି ।

